

# ସମ୍ପାଦକୀୟ

ଅପ୍ରେଲ ୨୮ରୁ ମଇ ୪ , ୨୦୨୫, ଭୁବନେଶ୍ୱର

## ମାଲେରିଆ ନିୟନ୍ତ୍ରଣ କେତେ ସଫଳ ?

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୩ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ ଜଣ୍ଡିସ୍ ଦେଖାଦିଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୨୦ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

# ଅକ୍ଷୟ ତୃତୀୟାରେ କୃଷକ ଦେବତାଙ୍କ ପୂଜା

ପ୍ରତାପ ସାହୁ

ଭାରତ ହେଉଛି ଏକ କୃଷିପ୍ରଧାନ ଦେଶ। ଓଡ଼ିଶାରେ ଶତକଡ଼ା ୮୫ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଓଡ଼ିଶାରେ ସାଧାରଣତଃ ଧାନ, ବିରି, ମୁଗ, କୋଳଥ, ହରଡ଼, ନଳିତା, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଠାରୁ ଆରମ୍ଭ କରି ବିଭିନ୍ନ କିସମର ଚାଷ କରାଯାଇଥାଏ। ସେତେବେଳେ ଲାଲାବାହାଦୂର ଶାସ୍ତ୍ରୀ ପ୍ରଥମ କରି 'ଜୟ ଜବାନ-ଜୟ କିଷାନ'ର ସ୍ଲୋଗାନ ଦେଇ କୃଷକମାନଙ୍କୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। କୃଷକମାନେ ହେଉଛନ୍ତି ଦେଶର ଅନ୍ନଦାତା। କିନ୍ତୁ କୃଷକଟିଏ ଖାଲି ପରିଚୟ ପାଇଗଲେ, ତାର ଯେ ସବୁ ଦୁଃଖ ଦୂର ହୋଇଯିବ, ଏକଥା ଭାବିବା ଭୁଲ। କୃଷକମାନଙ୍କୁ ବିନା ସୁଧରେ ଋଣ, ଠିକ୍ ସମୟରେ ସାର, ବିହନ ଓ କୀଟନାଶକ ଔଷଧ ଯୋଗାଇଦେବା ସହ କୃଷକର ଉତ୍ପାଦିତ ଫସଲକୁ ବଜାରରେ କିପରି ବିକ୍ରୟ କରାଯାଇପାରିବ ସେଥିପ୍ରତି ଧ୍ୟାନ ଦେବା ସହ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ଦୁର୍ବିପାକରେ ଚାଷୀର ଯେଉଁ କ୍ଷତି ଘଟୁଛି, ସେ କ୍ଷତିକୁ ଭରଣା କରାଯାଇ ପାରିଲେ ଚାଷୀ ତାର ଉପଯୁକ୍ତ ପ୍ରାପ୍ୟ ପାଇପାରିବ।

କୃଷକମାନଙ୍କୁ ସମ୍ମାନ ଦେବାକୁ ଯାଇ ୨୦୦୫ ମସିହାରେ ସମାଜସେବୀ ତଥା ଉଦୀୟମାନ ଯୁବକ ପ୍ରତାପ କୁମାର ସାହୁ ନିଜ ଗ୍ରାମ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ବରାହିଁପୁର ପଞ୍ଚାୟତର ମଣିଜୋରୀ ଗ୍ରାମରେ ଭାରତର ସର୍ବପ୍ରଥମ କୃଷକ ମନ୍ଦିର ପ୍ରତିଷ୍ଠା କରିଥିଲେ। ସେହିଦିନ ଠାରୁ ପ୍ରତିବର୍ଷ କୃଷକମାନଙ୍କର ପବିତ୍ର ଉତ୍ସବ 'ଅକ୍ଷୟ ତୃତୀୟ' ଦିନ ଉକ୍ତ କୃଷକ ମନ୍ଦିରରେ ହୋମଯଜ୍ଞ କରାଯିବା ସହ ହଳ ପ୍ରତିଯୋଗିତା, ଗାଈ ଗୋରୁମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥାଏ। ସେଠାରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ହଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପିତଳ ବାଲଟି, ଘଣ୍ଟି, ପଘା, ପାଞ୍ଚଣ ଏବଂ ଭିଟାମିନ ଖାଦ୍ୟ ପ୍ରଦାନ କରାଯିବା ସହ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥାଏ । ସେଠାକୁ ଆସୁଥିବା ସବୁ ପଶୁମାନଙ୍କୁ ଉତ୍ତମ ଓ ଭିଟାମିନଯୁକ୍ତ ଖାଦ୍ୟ, ସାର୍ଟିଫିକେଟ, ଘଣ୍ଟି, ପଘା, ପାଞ୍ଚଣ ପ୍ରଦାନ କରାଯାଇଥାଏ। ଏତଦ୍‌ବ୍ୟତୀତ ସେଠାରେ ସୁନ୍ଦର ଗାଈ ପ୍ରତିଯୋଗିତା ମଧ୍ୟ କରାଯାଏ। ଉକ୍ତ ଗାଈ ଗୁଡ଼ିକୁ ଭିଟାମିନ, ପିତଳ ବାଲଟି, ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ । ଏଥିସହିତ ମାହାଙ୍ଗା ବ୍ଲକର ଶ୍ରେଷ୍ଠଚାଷୀ ଯଥା ମୁଗ, ଧାନ, ନଳିତା, ଚିନାବାଦାମ, ବିରି ଓ କୋଳଥ ଚାଷୀମାନଙ୍କୁ ଫୁଲତୋଡ଼ା, ଉତ୍ତରୀୟ, ମାନପତ୍ର ପ୍ରଦାନ




କରାଯିବା ସହିତ ସମ୍ମାନିତ କରାଯାଇଥାଏ।

ଏଠାରେ ସୂଚନାଯୋଗ୍ୟ ଯେ, ଦିନରାତି, ଶୀତକାକର, ଖରାବର୍ଷାକୁ ଖାତିର ନକରି ନିଜର ଲୁହ ଲହୁ ଢାଳି ଦେଶବାସୀଙ୍କୁ ଖାଦ୍ୟ ବସ୍ତ୍ର ଯୋଗାଉଥିବା ଅନ୍ନଦାତା କୃଷକମାନଙ୍କୁ ସ୍ମରଣୀୟ କରିବା ପାଇଁ କୃଷକ ମନ୍ଦିରଟିଏ ପ୍ରତିଷ୍ଠା କରାଯାଇଛି। ଏଠାରେ ପ୍ରତ୍ୟେକ ଦିନ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ସନ୍ଧ୍ୟା ସମୟରେ ମଧ୍ୟ ଧୂପଦୀପ ଦେଇ ପୂଜାର୍ଚ୍ଚନା କରାଯାଇଥାଏ। ଏହି ମନ୍ଦିରଟି ୨୦୦୫ ମସିହାରେ ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ଦୀର୍ଘ ୨୦ ବର୍ଷ ଧରି ମନ୍ଦିରଟି ସଦାସର୍ବଦା ନୂତନ ମନ୍ଦିର ନିର୍ମିତ ଭଳି ଦେଖାଯାଇଥାଏ। ଏହି ମନ୍ଦିରରେ ପବିତ୍ର ଅକ୍ଷୟ ତୃତୀୟ ଦିନ ହଜାର ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଉଥିବା ବେଳେ ଦୂରଦୂରାନ୍ତରରୁ ବହୁ ବ୍ୟକ୍ତି ମନ୍ଦିର ଦର୍ଶନ କରିବାକୁ ଏଠାକୁ ଆସିଥାନ୍ତି। ସ୍ଥାନୀୟ ଜନସାଧାରଣଙ୍କ କହିବା ଅନୁସାରେ ଯେତେବେଳେ ପ୍ରାକୃତିକ ଦୁର୍ବିପାକରେ ଚାଷୀଙ୍କ ଫସଲ ଉଜୁଡ଼ିଯାଏ କିମ୍ବା ଚାଷୀମାନେ ଚାଷକାର୍ଯ୍ୟକୁ ଯାଆନ୍ତି, ସେତେବେଳେ ଏହି କୃଷକ ମନ୍ଦିରରେ ପ୍ରାର୍ଥନା କରି ବିଲକୁ ଗଲେ, ଭଲ ଫସଲ ଅମଳ ହୁଏ ବୋଲି ଏଠାକାର ଚାଷୀଙ୍କର ବିଶ୍ୱାସ ରହିଛି। ଏହି ମନ୍ଦିରରେ କୃଷକ ଦେବତାଙ୍କ ଡ଼ାହାଣ ହାତରେ ପାଞ୍ଚଣ, ବାମ କାନ୍ଧରେ ଲଙ୍ଗଳ, ମୁଣ୍ଡରେ ତଲେଇ, ଅଣ୍ଟାରେ ଗାମୁଛା ଭିଡ଼ି କ୍ଷେତକୁ କାମ କରିବାକୁ ଯାଉଥିବାର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଅଛି ।

ଏହି ମନ୍ଦିରକୁ ପୂଜାର୍ଚ୍ଚନା କରୁଥିବା ଝୁମ୍ପେଇ ମାଉସୀ, ମୁରଲୀ ନନା ଦେହତ୍ୟାଗ କରିଥିବା ବେଳେ ମନ୍ଦିରକୁ ଉଦ୍‌ଘାଟନ କରିଥିବା ବିପ୍ଲବୀ କବି ରବି ସିଂ ଓ ପ୍ରାକ୍ତନ ସାଂସଦ ମୋହନ ଜେନା ମଧ୍ୟ ଦେହତ୍ୟାଗ କରିସାରିଛନ୍ତି। ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁସାରେ ଯେତେଦିନ ପର୍ଯ୍ୟନ୍ତ ଆମେ ଏଠାରେ ବଞ୍ଚିରହିଛୁ, ସେତେଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ଏହି କୃଷକ ମନ୍ଦିରରେ ଅକ୍ଷୟ ତୃତୀୟା ଉତ୍ସବ ମହାଆଡ଼ମ୍ବରରେ ପାଳନ କରିବୁ। ଏଥିସହିତ ସେମାନେ କୃଷକ ମନ୍ଦିରର ପ୍ରତିଷ୍ଠାତା ପ୍ରତାପ କୁମାର ସାହୁଙ୍କୁ ସାଧୁବାଦ ଜଣାଇଛନ୍ତି। କୃଷକ ମନ୍ଦିରର ପ୍ରତିଷ୍ଠାତା ପ୍ରତାପ କୁମାର ସାହୁ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି ଯେ, ଅକ୍ଷୟ ତୃତୀୟା ଦିନଟିକୁ ସରକାରୀ ଛୁଟି ଘୋଷଣା କରାଯାଉ ଏବଂ ଓଡ଼ିଶାର ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ ଗୋଟିଏ ଗୋଟିଏ କୃଷକ ମନ୍ଦିର ପ୍ରତିଷ୍ଠା କରାଯାଉ। ବିଧାନସଭାରେ ମୃତ କୃଷକମାନଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଉ। ବର୍ତ୍ତମାନ ନିରୂପମା ସାହୁ ମନ୍ଦିରର ରକ୍ଷଣାବେକ୍ଷଣ ଓ ପୂଜାର୍ଚ୍ଚାନ ଦାୟିତ୍ୱ ନେଇଛନ୍ତି। ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ଭଳି ଦେଶବାସୀଙ୍କୁ ଅନ୍ନ ଯୋଗାଉଥିବା କୃଷକମାନଙ୍କୁ ପେନସନ ଦେବାର ବ୍ୟବସ୍ଥା କରନ୍ତୁ, ପ୍ରତ୍ୟେକ ଜିଲ୍ଲାରେ କୃଷକ ସଂଗ୍ରାହଳୟ ପ୍ରତିଷ୍ଠା କରାଯାଉ। ଯଦି କୌଣସି ବ୍ୟକ୍ତି କୃଷକ ମନ୍ଦିର ଦର୍ଶନ କରିବାକୁ ଚାହାଁନ୍ତି, ତେବେ ସେମାନେ ଭୁବନେଶ୍ୱରରୁ କଟକ, କଟକରୁ ସାଲେପୁର, ସାଲେପୁରରୁ କୁଆଁପାଳ ରାସ୍ତାରେ ଗଲେ ଛତରତୋଟା ଏବଂ ଛତରତୋଟାରୁ ୫ କି.ମି ଡ଼ାହାଣକୁ ଗଲେ ମାହାଙ୍ଗା ଥାନା, ବରାହିପୁର ପଞ୍ଚାୟତର ମଣିଜୋରି ଗ୍ରାମକୁ ଯାଇ ଏହି କୃଷକ ମନ୍ଦିର ଦର୍ଶନ ଓ ପୂଜାର୍ଚ୍ଚନା କରିପାରିବେ।

**ମଣିଜୋରି, ଗୋକନ ମାହାଙ୍ଗା, କଟକ, ମୋ : ୯୪୩୮୧୮୨୭୭୫**

# ତୃଷାର୍ତ୍ତଙ୍କୁ ଜଳଦାନ କରନ୍ତୁ ଅକ୍ଷୟ ତୃତୀୟାରେ

ପୁଷ୍ପମିତ୍ର ମହାପାତ୍ର

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ 'ଅକ୍ଷୟ ତୃତୀୟା' କୁହାଯାଏ । ଏହି ଦିନରୁ ସତ୍ୟଯୁଗ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ ରହିଛି, ତେଣୁ ଏ ଦିନ ବିଭିନ୍ନ ଦାନ, ଧ୍ୟାନ, ଧର୍ମ କରି ପ୍ରଭୁଙ୍କର ଅର୍ଚ୍ଚନା କରାଯାଏ । ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏଇ ଦିନରୁ ଆରମ୍ଭ ହୁଏ । ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏଇ ଦିନରୁ ଆରମ୍ଭ ହୁଏ । ଚନ୍ଦନଯାତ୍ରା ମଧ୍ୟ ଏଇ ଦିନରୁ ଆରମ୍ଭ ହୁଏ । ଏହିସବୁ କାରଣରୁ ଏହିଦିନଟିକୁ ଶୁଭଦିନ ରୂପେ ପରିଗଣିତ କରାଯାଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ । କୃଷକ ଏ ଦିନ ତା' ସ୍ତ୍ରୀ ଠାରୁ ହଳଦି, ଚନ୍ଦନ, ସିନ୍ଦୂର ଲେପିତ ବିହନ -ଧାନପୂର୍ଣ୍ଣ ନୂତନ ଗଉଣୀକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରିରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠୀଦେବୀ'ଙ୍କର ପୂଜା କରନ୍ତି । ଏଇ ତିଥିରେ ଯେଉଁ ଧର୍ମ ଅର୍ଜନ କରାଯାଏ, ତାହାର କ୍ଷୟ ନାହିଁ । କୃଷକ ନିଜ କିଆରିରେ 'ଅକ୍ଷିମୁଠି' ବିହନ ବୁଣି ଲକ୍ଷ୍ମୀଦେବୀଙ୍କୁ ପ୍ରାର୍ଥନା କରି କହେ – 'ହେ ଠାକୁରାଣୀ ! ମୋ' ଶସ୍ୟ କ୍ଷୟ ନ ହେଉ' । ତେଣୁ ଏହାର ନାମ ଅକ୍ଷୟ ତୃତୀୟା ।

ଅକ୍ଷୟ ତୃତୀୟା ଏକ ସର୍ବ ଭାରତୀୟ କୃଷି ଭିତ୍ତିକ ମୁଖ୍ୟ ପର୍ବ। ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି ଅକ୍ଷୟ ତୃତୀୟା। ଏହି ଦିବସରେ ସତ୍ୟଯୁଗର ଆରମ୍ଭ ହେବା ସହ ଦେବତାମାନେ ଏହି ଦିନ ଆରମ୍ଭ କରି ମର୍ତ୍ତ୍ୟବାସୀ ମାନବମାନଙ୍କୁ କୃଷି ଶିକ୍ଷା ପ୍ରଦାନ କରିଥିଲେ। ପରମ ବିଷ୍ଣୁଙ୍କର ଷଷ୍ଠ ଅବତାର ଶ୍ରୀ ପର୍ଶୁରାମଙ୍କର ତଥା ପରମ ବିଷ୍ଣୁଭକ୍ତ ବିଶ୍ୱବିଦିତ ଭକ୍ତଗ୍ରନ୍ଥ ଗୀତଗୋବିନ୍ଦର ରଚୟିତା ପବିତ୍ର ପ୍ରାଚୀ ଅବବାହିକାରେ ଜନ୍ମିତ ଶ୍ରୀ ଜୟଦେବଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ଉକ୍ତ ଦିବସରେ ପାଳିତ ହୋଇଥାଏ। କଥାରେ ଅଛି ଯେ କୌଣସି ଶୁଭକାର୍ଯ୍ୟ ଏହି ଦିବସରେ ଆରମ୍ଭ କରାଗଲେ ବିନା ବିଘ୍ନରେ କାର୍ଯ୍ୟଟି ସମ୍ପାଦିତ ହୋଇଥାଏ। ଉତ୍କଳୀୟଙ୍କର ପ୍ରାଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାର୍ଯ୍ୟ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥକାର୍ଯ୍ୟ ତଥା ରେବତୀ ମା'ଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କ ଅକ୍ଷିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାର୍ଯ୍ୟ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଥାଏ। ପ୍ରତ୍ୟେକ କୃଷକ ପରିବାରର ଏହା ଆଦ୍ୟ କୃଷିପର୍ବ। କୃଷକର ବିହନ ମୁଠାକ ମା'ଧରିତ୍ରୀ କୋଳରେ ଅକ୍ଷୟ ଭାବରେ ଧାରଣ କରି ଉତ୍ତମ ଉତ୍ପାଦନ ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବି ପରିବାର ଉକ୍ତି ଦିବସରେ ନିଷ୍ଠାର ସହ ସ୍ୱତନ୍ତ୍ର ଭାବେ ଭୂମି ପୂଜନ କରିଥାନ୍ତି। ଧାନ ଆମ ପ୍ରଦେଶର ମୁଖ୍ୟ ଫସଲ ହୋଇଥିବାରୁ ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଗ୍ରହଣ କରାଯାଇ ସେହି ଧାନରେ ହିଁ ମୁଠି ଅନୁକୂଳ କରାଯାଏ। ଧାନ ବିହନ ବୁଣିବାର ପ୍ରକୃତ ସମୟ ହେଉଛି ବୈଶାଖ ଶୁକ୍ଳ ତୃତୀୟା ଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ।

ଅକ୍ଷୟ ତୃତୀୟା ପର୍ବ ପାଳନର ବିଧି ପର୍ବ ଦିନ ରାତ୍ରରୁ କୃଷକ ଓ କୃଷକ ଗୃହିଣୀ ଉଭୟେ ପବିତ୍ରତା ପାଳନ ପୂର୍ବକ ଅନୁକୂଳ ବେଢ଼ା ଓ ଗୌଣୀକୁ ଧୋଇ ଶୁଖାଇ ପିଠଉ ଚିତାରେ ଚିତ୍ରିତ କରନ୍ତି ଓ ହଳ, ଜୁଆଳିରେ ମଧ୍ୟ ଚିତା ଦିଅନ୍ତି। ସକାଳୁ କୁଆ କା କା କରିବା କ୍ଷଣି କୃଷକ ଶୌଚ ହୋଇ ନୂତନ ଶ୍ୱେତବସ୍ତ୍ର ପରିଧାନ ପୂର୍ବକ ଠେକାଭିଡ଼ି ଇଷ୍ଟ ସ୍ମରଣ କରି ଧାନ ବିହନ ଅଳିଆରୁ ମୁଠି ଅନୁକୂଳ ପାଇଁ ଉଦ୍ଦିଷ୍ଟ ଶ୍ୱେତ ଧାନ ବିହନ ଚିତାଲଗା ଅନୁକୂଳ ବେତାକୁ ଗାଳିଥାଆନ୍ତି। ଧାନବେତା ମଧ୍ୟରେ ଧାନବିହନ ପୂର୍ଣ୍ଣ ଗୌଣୀଟି ରଖି ଏକ ଶ୍ୱତ ବସ୍ତ୍ର ଦ୍ୱାରା ଆବୃତ କରି ମୁଣ୍ଡରେ ମୁଣ୍ଡାଇ ଅନୁକୂଳ କରିବାର ବିଧି ଅଛି। ଏହି ଧାନବେତା ମଧ୍ୟରେ ଚାଷ ଅନୁକୂଳ ପାଇଁ ଏକ ଲଙ୍ଗଳ ଲୁହା, ଏକ ଥାନ ସ୍ୱର୍ଣ୍ଣ ଅଳଙ୍କାର, ଏକ ଥାନ ସିନ୍ଦୂର, ଘୋରା ଚନ୍ଦନ, ଗୋଟାଗୁଆ, ନଡ଼ିଆ, ଶ୍ୱେତପୁଷ୍ପ, ଘିଅଦୀପ, କିଛି କଞ୍ଚା କ୍ଷୀର, ଭୋଗ ସରଞ୍ଜାମ ପୂଜାପାତ୍ରରେ ସଜାଇ ରଖାଯାଏ। କୃଷକ ଗୃହିଣୀର ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ କୃଷକ ସମସ୍ତ ଅନୁକୂଳ ଦ୍ରବ୍ୟ ମୁଣ୍ଡରେ ମୁଣ୍ଡାଇ ହଳବଳଦ ସହ ପୂର୍ବାମୁଖା ହୋଇ ମାହେନ୍ଦ୍ର ବେଳାରେ ମୁଠି ଅନୁକୂଳ ପାଇଁ ନିର୍ଦ୍ଧାରିତ କ୍ଷେତ ଅଭିମୁଖେ ଗମନ କରେ। କ୍ଷେତର ପୂର୍ବ ଦିଗରେ ଲଙ୍ଗଳ ଲୁହା, ସ୍ୱର୍ଣ୍ଣ ଅଳଙ୍କାର ରଖି ପାଣିଛିଞ୍ଚି ବସୁଧା ମାତାର ପୂଜନ କରାଯାଏ। ପରେ ପରେ ଧୂପ, ଦୀପ, ପୁଷ୍ପ, ନୈବେଦ୍ୟ ପ୍ରଦାନ କରି ନଡ଼ିଆ ଭାଙ୍ଗି ମାଟି ମାଆକୁ ନାରିକେଳ ଜଳ ଓ କଞ୍ଚାକ୍ଷୀର ଅର୍ପଣ କରାଯାଏ। ବସୁଧା ମାତାଙ୍କ ସହ ଅନ୍ନଦାତ୍ରୀ ମା'ଲକ୍ଷ୍ମୀ, ଜଳକ୍ରମାଇନ୍ଦ୍ର ଓ ସୂର୍ଯ୍ୟାଦି ଦଶ ଦିଗପାଳଙ୍କ ଉଦ୍ଦେଶ୍ୟରେ ପୂଜାସ୍ଥାନ ପରି ମାଟିକରି ଐଶାନ୍ୟ କୋଣରେ ୩ ମୁଠା ଅକ୍ଷିମୁଠି ବପନ କରାଯାଏ। ମା'ଙ୍କୁ ପୁନଃ ପ୍ରଣାମ ପୂର୍ବକ କୃଷକ ଗୃହକୁ ପ୍ରତ୍ୟାଗମନ କରି ଗୃହିଣୀ କୃଷକ ଘରକୁ ଫେରିଲେ ଅପେକ୍ଷାରତ କୃଷକର ସାଦକୁ ସମସ୍ତ ପଦାର୍ଥ ସଜାଡ଼ି ରଖି ଆନୀତ ମୁଠି ଅନୁକୂଳ ପିଠାପଣା ଗ୍ରାମର ଶିଶୁମାନଙ୍କୁ ବିତରଣ ପୂର୍ବକ ପ୍ରସ୍ତୁତ ପିମ୍ପେଦଙ୍କୁ ପ୍ରଦାନ କରନ୍ତି। ଅକ୍ଷୟ ତୃତୀୟା ଦିବସ ପ୍ରସନ୍ନତା ଓ କୃଷକ ପରିବାର ପାଇଁ ଏକ ପବିତ୍ରତା, ଆଶା ଆକାଂକ୍ଷାର ପର୍ବ। ଉକ୍ତ ଦିବସ ନୂତନଗୃହ, ମନ୍ଦିର, କୂପ, ଜଳାଶୟାଦି ପ୍ରାରମ୍ଭ, ପ୍ରତିଷ୍ଠାର ଦିନ ତଥା ବିଦ୍ୟାରମ୍ଭ, ବ୍ୟବସାୟ ଆରମ୍ଭ, ବିବାହାଦି ନିର୍ବନ୍ଧ ପାଇଁ ସର୍ବଶ୍ରେଷ୍ଠ ସମୟ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯*